

# MEDIA CAMPAIGN ON FINANCIAL INCLUSION

Pragatibadi (Oriya)
Date - 03.11.2007

## ଦୂରଦର୍ଶନ ଓ ବେତାର କାର୍ଯ୍ୟକ୍ରମ ସଞ୍ଚୟ 'ନୋ ଫ୍ରିଲ୍' ସଞ୍ଚୟ ଯୋଜନା

ଭୁବନେଶ୍ୱର,ତା୨।୧୧(ପିଏନ୍ଏସ୍): ରାଜ୍ୟସ୍ତରୀୟ ବ୍ୟାଙ୍କ ମାନଙ୍କ କମିଟି (ଏସ୍.ଏଲ୍.ବି.ସି.) ଭୁବନେଶ୍ୱରର ଆବାହକ ୟୁକୋ ବ୍ୟାଙ୍କର ପ୍ରଯୋଜନାରେ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କର ପୃଷ୍ଠପୋଷକତାରେ ସମଗ୍ର ରାଜ୍ୟରେ ତଥା ବିଶେଷ ଭାବରେ ଅର୍ଦ୍ଧସହର ଓ ଗ୍ରାମାଞ୍ଚଳରେ ବସବାସ କରୁଥିବା ପ୍ରାୟ ୪୦ ପ୍ରତିଶତ ଆର୍ଥିକ ଅନଗ୍ରସର ଜନତାଙ୍କୁ ଜାତୀୟ ଅର୍ଥନୈତିକ ବିକାଶ ଧାରାରେ ସାମିଲ କରିବାର ଲକ୍ଷ୍ୟ ରଖି ଦୂରଦର୍ଶନ ଓ ରେଡ଼ିଓ ଜରିଆରେ 'ସଞ୍ଚୟ' ନାମକ ଏକ ଅଭିନବ କାର୍ଯ୍ୟକ୍ରମ ନିୟମିତ ଭାବେ ପ୍ରସାରିତ କରାଯାଉଅଛି । ଦୂରଦର୍ଶନରେ (ଡିଡି-୧ ଓ ଡିଡି-୬) ପ୍ରତ୍ୟେକ ଶୁକ୍ରବାର ସନ୍ଧ୍ୟା ୫.୪୫ମିନିଟ୍ ଓ ରେଡ଼ିଓରେ ପ୍ରତ୍ୟେକ ସୋମବାର ସନ୍ଧ୍ୟା ୭ଟାରେ ପ୍ରସାରିତ ହେଉଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଗାଁ ଗହଳି ତଥା ସହରରେ ବାସ କରୁଥିବା ସାବାଳକ ନାଗରିକମାନଙ୍କୁ ଯେକୌଣସି ଜାତୀୟକରଣ ବ୍ୟାଙ୍କ, ଗ୍ରାମ୍ୟ ବ୍ୟାଙ୍କ, ସମବାୟ ବ୍ୟାଙ୍କ ଓ ଘରୋଇ ବ୍ୟାଙ୍କରେ ଗୋଟିଏ 'ନୋ ଫ୍ରିଲ୍' ସଞ୍ଚୟ ଖାତା ଖୋଲିବାର ସଚେତନତା ସୃଷ୍ଟି କରାଯାଉଛି । ଭାରତୀୟ ରିଜର୍ଭ ବ୍ୟାଙ୍କର ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ବେଶ୍ ଜନପ୍ରିୟ ହୋଇପାରିଛି ।

Samaj (Oriya)
Date - 06-11-2007

## ଦୂରଦର୍ଶନ ଓ ଆକାଶବାଣୀରେ କାର୍ଯ୍ୟକ୍ରମ 'ସଞ୍ଚୟ'

ଭୁବନେଶ୍ୱର: ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିର ଆବାହକ ୟୁକୋ ବ୍ୟାଙ୍କର ପ୍ରଯୋଜନା ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କର ପୃଷ୍ଠପୋଷକତାରେ ରାଜ୍ୟବାସୀ ତଥା ବିଶେଷକରି ଅର୍ଦ୍ଧ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ବାସ କରୁଥିବା ପ୍ରାୟ ୪୦ ଭାଗ ଆର୍ଥିକ ଅନଗ୍ରସର ଲୋକଙ୍କୁ ଜାତୀୟ ଅର୍ଥନୈତିକ ବିକାଶଧାରାରେ ସାମିଲ କରିବା ଲକ୍ଷ୍ୟରେ 'ସଞ୍ଚୟ' ନାମରେ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ଏହି କାର୍ଯ୍ୟକ୍ରମ ଦୂରଦର୍ଶନରେ ପ୍ରତି ଶୁକ୍ରବାର ସନ୍ଧ୍ୟା ୫.୪୫ ଏବଂ ଆକାଶବାଣୀରେ ପ୍ରତି ସୋମବାର ସନ୍ଧ୍ୟା ୭ଟାରେ ପ୍ରସାରିତ ହେଉଛି । ଏହି କାର୍ଯ୍ୟକ୍ରମ ଜରିଆରେ ଗାଁ ଗହଳି ତଥା ସହରରେ ବାସ କରୁଥିବା ସାବାଳକ ନାଗରିକଙ୍କୁ ଯେକୌଣସି ଜାତୀୟକରଣ ବ୍ୟାଙ୍କ, ଗ୍ରାମ୍ୟ ବ୍ୟାଙ୍କ, ସମବାୟ ବ୍ୟାଙ୍କ ଏବଂ ଘରୋଇ ବ୍ୟାଙ୍କରେ ଗୋଟିଏ ନୋ ଫ୍ରିଲ ସଞ୍ଚୟ ଖାତା ଖୋଲିବାକୁ ସଚେତନତା ସୃଷ୍ଟି କରାଯାଉଛି ।